# ଅପହଞ୍ଚ ଇଲାକାରେ ଖୋଲିଲା ପାଠଶାଳା

## ସହଯୋଗର ହାତ ବଢ଼ାଇଲେ ବେସରକାରୀ ଅନୁଷ୍ଠାନ

## ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟଶିବିର, ଜନଶୁଣାଣି

ଶାଳଗାଁ, ୮।୭ (ନି.ପ୍ର.)- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ଅପହଞ୍ଚ ଇଲାକା ଭାବେ ପରିଚିତ ବାଙ୍କିଆମ୍ୱାରେ ପ୍ରଥମକରି ବେସରକାରୀସ୍ତରରେ ନୂତନ ବିଦ୍ୟାଳୟ, ସ୍ୱାସ୍ଥ୍ୟଶିବିର, ମଶାରି ବଣ୍ଟନ, ବିଧାୟକଙ୍କ ଦ୍ୱାରା ଜନଶୁଣାଣି ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ଏବଂ ଇମ୍ପା ତରଫରୁ ଗ୍ରାମୀଣ ପାଠଶାଳାର ଶୁଭାରମ୍ଭ, ଶିକ୍ଷକ ନିଯୁକ୍ତି ଓ ୧୯ଜଣ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ଓ ସରଞ୍ଜାମ ଆଦି ବଣ୍ଟନ କରାଯାଇଛି । ସେହିପରି ଟାଙ୍ଗୀ-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରତରଫରୁ ସ୍ୱାସ୍ଥ୍ୟ ଶିବିର, ମେଲେରିଆ ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଏବଂ ଡାଲମିଆ ଭାରତ ଫାଉଣ୍ଡେସନ୍ ତରଫରୁ ଗ୍ରାମରେ ୫୦ଟି ମଶାରି ବଣ୍ଟନ ଏବଂ ବିଧାୟକଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଠଗଡ଼ ବିଧାୟକ ରଣେନ୍ଦ୍ରପ୍ରତାପ ସ୍ୱାଇଁ, ଆତ୍ମାର ଅଧ୍ୟକ୍ଷ ସେକ୍ ସାହାଜାନ, ଜିଲା ପରିଷଦ ସଭ୍ୟା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସେଠୀ, ସରପଞ୍ଚ ସସ୍ମିତା ପରିଡା, ସମିତିସଭ୍ୟ ଅକ୍ଷୟ ବିଶ୍ୱାଳ, ପାଠଶାଳାର ଶିକ୍ଷୟିତ୍ରୀ ସସ୍ମିତା ଦେହୁରୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଧାୟକ ବିଦ୍ୟାଳୟ ଉଦ୍‌ଘାଟନ କରି ୧୯ଜଣ ଛାତ୍ରଛାତ୍ରୀଙ୍କୁ ଖଡି ଛୁଆଁଇଥିଲେ। ଖଡି ଛୁଆଁ ସମୟରେ ଗ୍ରାମରେ ଖୁସିର ଲହରୀ ଖେଳିଯାଇଥିଲା । ସେହିପରି ସ୍ୱାସ୍ଥ୍ୟ ଶିବିରକୁ ଟାଙ୍ଗୀ-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଅଶୋକ କୁମାର ସାହୁ, ସଚଳା ମହାନ୍ତି, ସ୍ୱାସ୍ଥ୍ୟ କର୍ମୀ ବିଜୟ କୁମାର ସାହୁ, ତୃପ୍ତିମୟୀ, ଦିଲ୍ଲୀପ ସାମଲ, ଫାଉଣ୍ଡେସନ ପକ୍ଷରୁ ଆଶିଷ କୁମାର ଦାସ, ଚନ୍ଦ୍ର ଶେଖର ମହାପାତ୍ର, ଜ୍ଞାନ ରଂଜନ ବେହେରା, ଶ୍ରମିକ ନେତା ରାମଚନ୍ଦ୍ର ନାୟକ, ଅଙ୍ଗନବାଡ଼ି କର୍ମୀ ଉଷାରାଣୀ ବେହେରା, ଆଶାକର୍ମୀ ଜୟନ୍ତୀ ଲାଗୁରି ପ୍ରମୁଖ ଉପସ୍ଥିତ ଥିଲେ । ଗାଁ ମୁରବି ଭଜମନ ଦେହୁରୀ ଗାଁର ସମସ୍ୟା ସମ୍ପର୍କରେ କହିଥିଲେ । ଶିକ୍ଷକ ତଥା ଆଦିବାସୀ ନେତା ଗମନ କଳା ଧନ୍ୟବାଦ ପ୍ରଦାନ କରିଥିଲେ ।



ଜଙ୍ଗଲ ଓ ପାହାଡ଼ ଘେରା ମଧ୍ୟରେ ବାସକରୁଥିବା ଏହି ଗାଁ ସମ୍ପର୍କରେ 'ଝରଣା ଗାଏ ଗାଁର ଗାଥା' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଗାଁର ଉନ୍ନତିକରଣ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଇଥିଲା । ସ୍ୱାସ୍ଥ୍ୟ ସେବା, ଗମନାଗମନ ପାଇଁ ଜଙ୍ଗଲ ଭିତରେ ୮କିଲୋମିଟର କଚା ରାସ୍ତା ନିର୍ମାଣ, ସ୍ୱୟଂସହାୟକ ଗୋଷ୍ଠୀ ଗଠନ ସହ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ନିକଟରେ ଆମେରିକା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏକ ପ୍ରତିନିଧି ଦଳ ଅନୁଧ୍ୟାନ କରି ଫେରି ଯାଇଛନ୍ତି ।